### ।।। ୭୪ ଦିନର ଅବିରତ ପଦଯାତ୍ରା ।।।

# ପ୍ରତ୍ୟେକ ପଦକ୍ଷେପରେ ରହିଛି ଭକ୍ତିର ଅର୍ପଣ, ଆତ୍ମାର ଆକୁଳ ଡାକ





**ପୁରୀ (ବ୍ୟୁରୋ) :** ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୭୪ ଦିନରେ ପହଞ୍ଚିଛି। ଏହା ଆଉ କେବଳ ଏକ ଆନ୍ଦୋଳନ ନୁହେଁ; ଏହା ଭକ୍ତ ହୃଦୟର ଅକୁହା କଷ୍ଟ, ଆତ୍ମାର ଆର୍ତ୍ତନାଦ ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରତି ଅତ୍ୟୁଟ ପ୍ରେମର ଏକ ଜୀବନ୍ତ ପ୍ରତୀକ। ଗତ ଏପ୍ରିଲ ୧ ଉତ୍କଳ ଦିବସରୁ ବଳଗଣ୍ଡି ଛକ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତିଦିନ ସିଂହଦ୍ୱାର ନିକଟରେ ପହଞ୍ଚି ଏକ ନିରବ ପ୍ରଶ୍ନ କରୁଛି— 'ଯିଏ ସାରା ବିଶ୍ୱର ନାଥ, ସେହି ଜଗନ୍ନାଥଙ୍କ ଦର୍ଶନରେ କି ଭକ୍ତଙ୍କ ମଧ୍ୟରେ ଭେଦଭାବ ରହିପାରେ ?' ପ୍ରତ୍ୟେକ ପଦକ୍ଷେପରେ ରହିଛି ଭକ୍ତିର ଅର୍ପଣ, ପ୍ରତ୍ୟେକ ଧ୍ୱନିରେ ରହିଛି ଆତ୍ମାର ଆକୁଳ ଡାକ। ଏହି ପଦଯାତ୍ରା କେବଳ ପ୍ରବେଶ ଅଧିକାରର ଦାବି ନୁହେଁ, ବରଂ 'ଜଗନ୍ନାଥ ସଂସ୍କୃତିର ସମତା ଓ ମାନବିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଏକ ଆଧ୍ୟାତ୍ମିକ ପ୍ରତିବାଦ'। ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ସ୍ୱତଃସ୍ଫୂର୍ତ୍ତ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଜନ ଆନ୍ଦୋଳନର ରୂପ ଦେଇଛି। ପ୍ରତ୍ୟେକ ମୁହଁରେ ଭକ୍ତିର ଦୀପ୍ତି, ପ୍ରତ୍ୟେକ ହୃଦୟରେ ଏକ ନୀରବ ପ୍ରାର୍ଥନା— 'ପ୍ରଭୁ, ଆମକୁ ଆମର ଅଧିକାର ଫେରାଇ ଦିଅ; ତୁମ ଦ୍ୱାରରେ ସମସ୍ତଙ୍କୁ ସମାନ ସ୍ଥାନ ଦିଅ।' ୭୪ ଦିନ ପରେ ମଧ ଏହି ପଦଯାତ୍ରାର ଉତ୍ସାହ କମିନାହିଁ। ପ୍ରତ୍ୟେକ ଦିନ ସହିତ ଏହା ଅଧିକ ଗଭୀର, ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆଧ୍ୟାତ୍ମିକ ହୋଇଉଠୁଛି। ଏହା ଏକ ଏମିତି ଯାତ୍ରା, ଯେଉଁଠାରେ ଅଶ୍ରୁ ହେଉଛି ପ୍ରାର୍ଥନା, ବେଦନା ହେଉଛି ଶକ୍ତି ଏବଂ ଭକ୍ତି ହେଉଛି ଅହିଂସା ପ୍ରତିବାଦର ମାଧ୍ୟମ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର ,ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା,ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର,ସରସ୍ୱତୀ ପାତ୍ର,ନିହାରିକା, ତ୍ରିପାଠି ,ସନ୍ଧ୍ୟା ରାଣୀ ମିଶ୍ର,ମମତା ସ୍ୱାଇଁ, ପ୍ରଣତି ରାୟ, ଅରୁଣା ପଟ୍ଟନାୟକ, ମମତା ଦାସ, ଛବି ରାଣୀ ମହାରଣା,ନୃସିଂହ ନାଥ ନାୟକ,ଜାଦବା ନନ୍ଦ ରାୟ, ରାଜା ମହାନ୍ତି, ସନ୍ତୋଷ ସେନାପତି,ଅଭିମନ୍ୟୁ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ,ଲିଂଗରାଜ ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ଜଗନ୍ନାଥ୍ ମହାନ୍ତି, ସଞ୍ଜୟ ମହାନ୍ତି, ସନ୍ଦୀପ କର୍ମକାର, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ ସାମିଲ ହୋଇ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ପଦଯାତ୍ରାର ଆବାହକ ଶ୍ରୀ ସ୍ୱାଧୀନ କୁମାର ପଣ୍ଡା କହିଥିଲେ ଯେ, ଏହି ଯାତ୍ରା ସେ ପର୍ଯ୍ୟନ୍ତ ଜାରି ରହିବ ଯେପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ପୁନଃସ୍ଥାପିତ ହୋଇନାହିଁ। ଏହା କୌଣସି ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ସଂଗ୍ରାମ ନୁହେଁ; ଏହା ନ୍ୟାୟ, ସମତା ଓ ଆସ୍ଥାର ସମ୍ମାନ ପାଇଁ ଏକ ଶାନ୍ତ, ଅହିଂସକ ଓ ଆଧ୍ୟାତ୍ମିକ ଅଭିଯାନ। 'ଜଗନ୍ନାଥଙ୍କ ଦ୍ୱାର ସମସ୍ତଙ୍କ ପାଇଁ। ଭକ୍ତିର କୌଣସି ଭିଆଇପି ନାହିଁ, ଆସ୍ଥାର କୌଣସି ପ୍ରୋଟୋକଲ ନାହିଁ। ପ୍ରଭୁଙ୍କ ସମ୍ମୁଖରେ ସମସ୍ତେ ସମାନ।' 'ଜୟ ଜଗନ୍ନାଥ।

# ଋଷିଆରେ 'ଗ୍ରାଣ୍ଡ ସ୍ୟାଣ୍ଡ୍ ମାଷ୍ଟର କପ୍' ଜିତିଲେ ସୁଦର୍ଶନ ପଟ୍ଟନାୟକ



**ପୁରୀ (ବ୍ୟୁରୋ) :** ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଋଷିଆର କାଲିନିନଗ୍ରାଡ୍ ଅଞ୍ଚଳରେ ଆୟୋଜିତ ଦ୍ୱିତୀୟ ଆନ୍ତର୍ଜାତୀୟ ବାଲୁକା ଶିଳ୍ପ ଉତ୍ସବରେ 'ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍ ୨୦୨୬' ଜିତି ଭାରତକୁ ଗୌରବାନ୍ୱିତ କରିଛନ୍ତି। ସେ ଏହି ସମ୍ମାନ ପାଇଥିବା ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ହେବାର ଗୌରବ ଅର୍ଜନ କରିଛନ୍ତି। ଗ୍ଲୋବାଲ୍ ୱ୍ରିମିଂ ବିଷୟରେ ତାଙ୍କର ବାଲୁକା ଶିଳ୍ପ ପାଇଁ ଏବଂ ବାଲୁକା କଳାକ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯାଇଛି। ୧୧ ଜୁନ ୨୦୨୬ରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ବିଶେଷ ଜୁରି କମିଟି ସମ୍ମତି ସହ ତାଙ୍କୁ ବିଜେତା ଭାବେ ଚୟନ The IN ଗ୍ରାଣ୍ଡ ସ୍ୟାଣ୍ଡ୍ ମାଷ୍ଟର କପ୍ ସହ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। କରିଥିଲା। ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ନିଜ ବାଲୁକା କଳା ମାଧ୍ୟମରେ ପ୍ରକାଶ କରିବାରେ ଶିଳ୍ପୀ ପଟ୍ଟନାୟକ ଅନ୍ତର୍ଜାତୀୟ ମଞ୍ଚରେ ପରିଚିତ। ସେ ତାଙ୍କର କଳା ମାଧ୍ୟମରେ ସଚେତନତା ସୃଷ୍ଟି କରି ସକାରାତ୍ମକ ପରିବର୍ତ୍ତନ ପାଇଁ ଲୋକଙ୍କୁ ପ୍ରେରିତ କରୁଛନ୍ତି। ଗୁରୁବାର ଉଦ୍‌ଘାଟନୀ ସମାରୋହରେ ଜେନେରାଲ୍ ଡାଇରେକ୍ଟର ଆଲେନା ଆଲେକ୍ସେଣ୍ଡ୍ରୋଭାନ୍ ପଟ୍ଟନାୟକଙ୍କୁ ଗ୍ରାଣ୍ଡ୍ ସ୍ୟାଣ୍ଡ୍ ମାଷ୍ଟର କପ୍ ଏବଂ ପଦକ ପ୍ରଦାନ କରିଛନ୍ତି। ଉତ୍ସବରେ ବିଭିନ୍ନ ଦେଶର ୧୨ ଜଣ ପ୍ରମୁଖ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରି ଅତ୍ୟନ୍ତ ସୁନ୍ଦର କଳାକୃତି ନିର୍ମାଣ କରିଥିଲେ। ପଟ୍ଟନାୟକ ୩ ମିଟର ଉଚ୍ଚତାର ପୃଥିବୀର ଦୁଇଟି ବିପରୀତ ଚିତ୍ର ପ୍ରଦର୍ଶନ କରିଥିଲେ। ଏକ ପାର୍ଶ୍ୱରେ ପରିବେଶ ନଷ୍ଟ ହେଉଥିବା ପୃଥିବୀ ଦର୍ଶାଯାଇଥିବା ବେଳେ ଅନ୍ୟପାର୍ଶ୍ୱରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଆଯାଇଛି।

## ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଦେଲେ ଦୁର୍ବୃତ୍ତ

**ପୁରୀ (ବ୍ୟୁରୋ) :** ।ନୟାହାଟ ଫାଣ୍ଡି ଅଞ୍ଚଳରେ ଏକ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥାନ୍ତା। କିନ୍ତୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଫଳକ ଭାଙ୍ଗି ଦେଇଥିବାରୁ ଜଗତସିଂପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଓ କାକଟପୁର ବିଧାୟକ ତୁଷାରକାନ୍ତ ବେହେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଆସି ନ ଥିଲେ। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବରୀମୁଣ୍ଡଠାରୁ ବଡ଼ ମାଛମରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୬କୋଟି ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିଲା। ଏହି ଟେଣ୍ଡରକୁ ଠିକାଦାର ପ୍ୟାରୀ ପ୍ରଧାନ ନେଇଥିବା ବେଳେ ଶୁକ୍ରବାର ଜଗତ୍‌ସିଂହପୁର ଏମପି ଓ କାକଟପୁର ବିଧାୟକ ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ନାମ ଫଳକରେ କେତେଜଣଙ୍କ ନାମ ନ ଥିବାରୁ ରାଜନୈତିକ ଆକ୍ରୋଶ ରଖି ଫଳକ ଭଙ୍ଗାଯାଇଥିବା ଚର୍ଚ୍ଚା ହେଉଛି।

# ରାଜ୍ୟପାଳଙ୍କ ରେଳଷ୍ଟେସନ ପ୍ରକଳ୍ପ କାର୍ଯ୍ୟସ୍ଥଳ ପରିଦର୍ଶନ



**ପୁରୀ (ବ୍ୟୁରୋ) :** ଓଡ଼ିଶାର ରାଜ୍ୟପାଳ ଡ଼ଃ କମ୍ଭମ୍ପତି ହରି ବାବୁ ଶନିବାର ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟସ୍ଥଳ ପରିଦର୍ଶନ କରି ଚାଲିଥିବା କାମର ଅଗ୍ରଗତି ସମୀକ୍ଷା କରିଛନ୍ତି। ପ୍ରକଳ୍ପ ଶେଷ ହେଲେ ପୁରୀ ରେଳ ଷ୍ଟେସନ ଏକ ଆଧୁନିକ ଓ ଯାତ୍ରୀବାନ୍ଧବ ପରିବହନ କେନ୍ଦ୍ରରେ ପରିଣତ ହେବ ।ରାଜ୍ୟପାଳଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପ୍ରକଳ୍ପର ବିଭିନ୍ନ ଅଂଶ ସମ୍ପର୍କରେ ଅବଗତ କରାଇଥିଲେ। ଷ୍ଟେସନର ନୂତନ ମୁଖ୍ୟ ପ୍ରବେଶଦ୍ୱାର, ଆକର୍ଷଣୀୟ ଫ୍ରଣ୍ଟ ଫାସାଡ୍, ୱେଟିଂ ଲାଉଞ୍ଜ, ଫୁଡ୍ କୋର୍ଟ, ଜନଆହାର କେନ୍ଦ୍ର, ଡର୍ମିଟୋରୀ, ରିଟାୟରିଂ ରୁମ୍, ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେସିନ୍, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଓ ବ୍ୟାରିୟର-ଫ୍ରି ପ୍ରବେଶ-ପ୍ରସ୍ଥାନ ସୁବିଧା ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ।ପରେ ଲୋକ ଭବନରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ପୁରୀ-କୋଣାର୍କ ରେଳ ସଂଯୋଗ ପ୍ରକଳ୍ପ ସମେତ ରେଳ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ରାଜ୍ୟପାଳ ସ୍ପଷ୍ଟ ଭାବେ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା-୨୦୨୭ ପୂର୍ବରୁ ପୁରୀ ରେଳ ଷ୍ଟେସନ ଉନ୍ନୟନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଆବଶ୍ୟକ, ଯାହାଦ୍ୱାରା ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକ ଓ ଯାତ୍ରୀ ଆଧୁନିକ ସୁବିଧାର ଲାଭ ଉଠାଇପାରିବେ ।ସେ କାର୍ଯ୍ୟର ନିୟମିତ ତଦାରଖ, ସାପ୍ତାହିକ ସମୀକ୍ଷା ଏବଂ ରେଳବାଇ ଓ ରାଜ୍ୟ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଆଧୁନିକ ରେଳ ଭିତ୍ତିଭୂମି ଓଡ଼ିଶାର ପର୍ଯ୍ୟଟନ, ସଂଯୋଗ ବ୍ୟବସ୍ଥା ଓ ଆର୍ଥିକ ବିକାଶକୁ ଆହୁରି ମଜବୁତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ।

## ରଥଯାତ୍ରା ପାଇଁ ଏନ୍‌ଜିଓଙ୍କ କାର୍ଯ୍ୟାବଳୀ ଉପରେ ସମୀକ୍ଷା

**ପୁରୀ (ବ୍ୟୁରୋ) :** ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ ଚାମ୍ବରଠାରେ ରଥଯାତ୍ରା -୨୦୨୬ ଉପଲକ୍ଷେ ଏନ୍‌ଜିଓଙ୍କ କାର୍ଯ୍ୟାବଳୀ ଉପରେ ସମୀକ୍ଷା କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ବର୍ତ୍ତମାନ ଏସ୍‌ଓପି ଅନୁସାରେ ୨୪୦ ଜଣ ଅନ୍‌ଲାଇନରେ ଆବେଦନ କରିଛନ୍ତି। ସେମାନେ କେଉଁ କାର୍ଯ୍ୟ କରିବେ, କେଉଁଠାରେ କରିବେ କୌଣସି ତଥ୍ୟ ଦିଆଯାଇ ନାହିଁ। ଯେହେତୁ ଗତବର୍ଷ ଠାରୁ କମ୍ ଦରଖାସ୍ତ ପଡ଼ିଛି, ତେଣୁ ଏହି ଆବେଦନ ୨୦ ତାରିଖ ପର୍ଯ୍ୟନ୍ତ ବଢ଼ା ଦିଆଯାଇଛି। ଜୁନ୍ ୨୫ ସୁଦ୍ଧା ଚୟନ ପ୍ରକ୍ରିୟା କରାଯାଇ ୩୦ରେ ଫାଇନାଲ୍ ସେମାନଙ୍କର ନାମ ପ୍ରକାଶ କରାଯିବ। ପ୍ରତ୍ୟେକ କାର୍ଯ୍ୟ ସରକାରୀ ସଂସ୍ଥା ଓ ଘରୋଇ ସଂସ୍ଥାର ଏନ୍‌ଜିଓମାନେ ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରିବେ । ଖାଦ୍ୟ ପୁଡ଼ିଆ, ପିଇବା ପାଣି, ପ୍ରତ୍ୟେକ ଜିନିଷକୁ ସରକାରୀ କ୍ଷେତ୍ରରେ ଯାଞ୍ଚ କରାଯିବ। ଉକ୍ତ କମିଟିରେ ତଦାରଖ କରିବା ପାଇଁ ଅତିରିକ୍ତ ଏସ୍‌ପି, ଜରୁରୀକାଳୀନ ଅଧିକାରୀ, ଜିଲା ଶିକ୍ଷାଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ ରହିବେ। ଯେପରି ଶୃଙ୍ଖଳାର ସହ ଏନ୍‌ଜିଓଗୁଡ଼ିକ ରଥଯାତ୍ରା ପାଇଁ କାର୍ଯ୍ୟ କରିବେ ସେ ନେଇ ଅତିରିକ୍ତ ଜିଲାପାଳ ଅନୁରୋଧ କରିଛନ୍ତି।

# ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗକାର୍ଯ୍ୟ ଆରମ୍ଭ





**ପୁରୀ (ବ୍ୟୁରୋ) :** ଶ୍ରୀବିଗ୍ରହଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନହର ସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣ ଶୁକ୍ରବାର ୫୩ତମ ଦିନରେ ପହଞ୍ଚିଛି। ଶୁକ୍ରବାର ତିନିରଥର ଆଗ ଆଣି ଏବଂ ପଛଆଣି ଦୁଇଟି ଲେଖାଏଁକତରା ନିର୍ମାଣ ଶେଷ ହୋଇଛି। ଏଥିସହ ମହାରଣାମାନେ ଭାରି ଜିନିଷର ବୁହା ବୋହି ପାଇଁ ଭୋଇ ସେବକଙ୍କ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ସାଙ୍ଗି ନିର୍ମାଣ ଶେଷ କରିଛନ୍ତି। ଏଥିସହ ମହାରଣା ସେବକମାନେ ତିନି ରଥର କନକ ମୁଣ୍ଡି, ଅଁଳା ପିଣ୍ଡି, କଳସ ପିଣ୍ଡି ନିର୍ମାଣ ପାଇଁ ୪ଟି ଲେଖାଏଁ ଶିମିଳି କାଠ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୪ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୪ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରି ରଖୁଛନ୍ତି। ସେହିପରି ଚିତ୍ରକାର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ, ଓଲଟ ଶୁଆ ଏବଂ ଶିଖର ଡମ୍ବରୁ ଇତ୍ୟାଦି ସଫା କାର୍ଯ୍ୟ ଶେଷ କରି ରଙ୍ଗ କାମ ଆରମ୍ଭ କରିଛନ୍ତି।

### ଅଶ୍ଳୀଳ ବାର୍ତ୍ତାଳାପ ଅଡିଓ ପାଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ପୀଡ଼ିତା

**ପୁରୀ (ବ୍ୟୁରୋ) :** ବଳଙ୍ଗା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ୨ଜଣ ଯୁବକ ଶାରିରୀକ ସମ୍ପର୍କ ରଖୁବା ଓ ସେମାନଙ୍କ କଥାରେ ରାଜି ନ ହେବାରୁ ତାଙ୍କ ଭାଇଙ୍କ ପାଖକୁ ଅଶ୍ଳୀଳ ବାର୍ତ୍ତାଳାପ ଅଡିଓ ପଠାଇ ଦେଇଥିଲେ। ଯୁବତୀ ଜଣଙ୍କ ଲୋକ ଲଜ୍ଜା ସହି ନ ପାରି ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାର ତାଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ଏନେଇ ବଳଙ୍ଗା ପୋଲିସ ମଙ୍ଗେଶ୍ୱର ଥାନା ପୋଲିସ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ମାମଲାରେ ବଳଙ୍ଗା ପୋଲିସ ହରିପୁର ଗ୍ରାମର ମୁନା ବେହେରା ଓ ସମରୋଇ ଶାସନ ଗ୍ରାମର ଚନ୍ଦନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏଭଳି ଘଟଣା ଅଞ୍ଚଳରେ କେବେ ଘଟି ନ ଥିଲା ବେଳେ ସାଧାରଣରେ ଏହାକୁ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ଦାବି ହେଉଛି।

# ରଜ ପାଇଁ ସଜବାଜ ହେଲେଣି କୁମାରୀ



**ପୁରୀ (ବ୍ୟୁରୋ) :** ରାତି ପାହିଲେ ପହିଲି ରଜ। ସ୍ନେହ ଶ୍ରଦ୍ଧା,ଭାଇଚାରା, ମଉଜ ମଜଲିଶ ଓଡ଼ିଆର ପର୍ବ ରଜ । ଗାଁଠୁ ସହର ଯାଏ ସବୁଆଡେ ଉତ୍ସବର ମାହୋଲ । ସବୁଠି ଅତିଥି ଅଭ୍ୟାଗତି ଆଉ ପିଠାପଣାର ପ୍ରସ୍ତୁତି । ଆଶା ରଖିଛନ୍ତି ରଜ ହେବ ରଙ୍ଗୀନ । ଆରମ୍ଭ ହୋଇଯାଇଛି ରଜ କାର୍ଯ୍ୟକ୍ରମ । ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଛୋଟ ଛୋଟ ପିଲାଙ୍କ ପର୍ଯ୍ୟନ୍ତ ଆରମ୍ଭ କରିଛନ୍ତି ରଜର ମାହୋଲ ।ରାତି ପାହିଲେ ରଜ, ପ୍ରତି ଓଡିଆଙ୍କ ପାଇଁ ୫ ଦିନିଆ ପର୍ବ । ସଜବାଜ, ଖିଆପିଆ, ବୁଲାବୁଲି ଓ ମଜାମସ୍ତିରେ ସମୟ ବିତାଇବାର ମୁହୂର୍ତ୍ତ । ସଜବାଜରୁ ଆରମ୍ଭ ହେଉଥିବା ଏହି ପର୍ବ ବସୁମତି ସ୍ନାନରେ ଶେଷ ହୁଏ । ଆଜି ହେଉଛି ସେଇ ସଜବାଜ ବା ରଜ ଉତ୍ସବର ଆଦ୍ୟ ପର୍ବ କହିଲେ ଚଳେ । ପୁରୀ ଜିଲ୍ଲା ର ବିଭିନ୍ନ ସ୍ଥାନରେ ରଜ ପାଇଁ ଆଜିଠୁ ସଜେଇ ହେଲେଣି କୁମାରୀମାନେ । ପିଲାଠୁ ବୟସ୍କ, ସମସ୍ତ ରଜ ମଉଜରେ ସାମିଲ ହେବାକୁ ଏକାଠି ହୋଇଛନ୍ତି ରଜଖଳାରେ । କୁମାରୀମାନେ ସକାଳୁ ସକାଳୁ ଗାଧୁଆପାଧୁଆ ସାରି ସଜେଇ ହୋଇଛନ୍ତି । କିଏ କାହାକୁ ମେହେନ୍ଦୀ ଲଗେଇ ଦେଉଛନ୍ତି ଆଉ କିଏ ପୁଣି ଗଭା ସଜେଇ, କୁକୁମ ଲଗେଇ ଦେଉଛନ୍ତି । ଛୋଟ ଛୋଟ ପିଲାମାନେ ମାତିଛନ୍ତି ଖେଳକୁଦର । ସେହିଭଳି ବୟସ୍କ ବ୍ୟକ୍ତି ଓ ଯୁବକମାନେ ତାସ, ଚେସ୍ ଓ କ୍ୟାମେରା ଖେଳର ମଜା ଉଠାଉଛନ୍ତି । କାଲି ପହିଲି ରଜ । ନୂଆ ବସ୍ତ୍ର ପିନ୍ଧି, ପିଠାପଣା, ରଜପାନ ଖାଇ ଦୋଳି ଖେଳିବେ ସମସ୍ତେ । ସେଥିପାଇଁ ବିଭିନ୍ନ ପ୍ରକାର ଦୋଳୀ ସହ ରଜଖଳା ପ୍ରସ୍ତୁତ ହୋଇଗଲାଣି । ଖାସ କରି ବିବାହିତ ଝିଅ ଓ ଘର ଠାରୁ ଦୂରରେ ରହୁଥିବା ପରିବାର ସଦସ୍ୟ ଘରକୁ ଫେରିଛନ୍ତି । ଆଉ ସମସ୍ତ ମିଳିମିଶି ଏହି ଖୁସିର ପର୍ବକୁ ପାଳନ କରିଥାନ୍ତି ।

# ନଦୀରେ ବୁଡ଼ି ୨ ଭାଇ ମୃତ

**ପୁରୀ (ବ୍ୟୁରୋ) :** ଗାଧୋଇବା ବେଳେ ନଦୀରେ ବୁଡ଼ି ଯାଇ ୨ ଭାଇଙ୍କ ମୃତ୍ୟୁ । ଚନ୍ଦନପୁର ଥାନା ଅନ୍ତର୍ଗତ ଜାନକାଦେଇପୁର୍ ରେଲୱେ ବ୍ରିଜ୍ ନିକଟରେ ଥିବା ନଦୀରେ ବୁଡ଼ିଗଲେ ଦୁଇ ଭାଇ । ଉଭୟ ମୃତ ନାବାଳକ କେତକୀ ପାଟଣା ଅଞ୍ଚଳର ଏବଂ ବୟସ ୧୨ ରୁ ୧୫ ମଧ୍ୟରେ ହେବ । ଚନ୍ଦନପୁରରେ ପରିବା ବ୍ୟବସାୟ କରୁଥିବା ଦୁଇ ଭାଇ ବାବୁ ରାୟ ଓ କାବୁ ରାୟଙ୍କ ଦୁଇ ପୁଅଙ୍କ ମୃତ୍ୟୁ ହୋଇଥିବା ନେଇ ପ୍ରାଥମିକ ସୂଚନା ମିଳିଛି ।ସେମାନଙ୍କୁ ପ୍ରଥମେ ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ କୁ ନେବା ପରେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ ।



# ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ

**ପୁରୀ (ବ୍ୟୁରୋ) :** ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ଶୃଙ୍ଖଳିତ କରିବା ପାଇଁ ଘନଘନ ବୈଠକ। ଶୃଙ୍ଖଳିତ ନୀତି ସହ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବିଭିନ୍ନ ନିଯୋଗଙ୍କ ସହଯୋଗ ଲୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଶୃଙ୍ଖଳିତ କରିବା ନେଇ ବିଭିନ୍ନ ନିଯୋଗ ସହ ବୈଠକ କରୁଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତବର୍ଷ ହୋଇଥିବା ବ୍ୟବସ୍ଥାରେ ପୂର୍ବାପେକ୍ଷା ହୋଇଛି ସାମାନ୍ୟ ପରିବର୍ତ୍ତନ। ଶୃଙ୍ଖଳିତ ପହଣ୍ଡି ଉପରେ ଦିଆଯାଇଛି ଗୁରୁତ୍ୱ। ପହଣ୍ଡି ସମୟରେ ଆବଶ୍ୟକୀୟ ସେବାୟତ ରହିବେ। ପହଣ୍ଡିର ଉତ୍ତମ ତଦାରଖ ପାଇଁ ପ୍ରତ୍ୟେକ ବିଗ୍ରହଙ୍କ ପାଇଁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ଭୋଇ ସେବକ, ରଥ ତତ୍ତ୍ୱାବଧାରକ ଚାରମାଳ ସମୀକ୍ଷା ଓ ନିରୀକ୍ଷଣ ଦାୟିତ୍ୱରେ ରହିବେ। ଆସନ୍ତା ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବିଶେଷ ନୀତି ଥିବାରୁ ଏହାକୁ କିଭଳି ଶୃଙ୍ଖଳିତ ଭାବେ ପରିଚାଳିତ କରାଯିବ ସେନେଇ ଗୁରୁତ୍ୱାରୋପ କରାଯାଇଛି। ଏଥର ଶୃଙ୍ଖଳିତ ନୀତିକାନ୍ତି ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଦିଆଯାଇଛି ଗୁରୁତ୍ୱ। ସ୍ନାନ ପୂର୍ଣ୍ଣିମାରେ ଶୃଙ୍ଖଳିତ ଜଳଲାଗି ଉପରେ ରହିଛି ଫୋକସ୍। ସମସ୍ତଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ନୀତି କରାଯିବ ବୋଲି କହିଛନ୍ତି ସେବାୟତ। ସମସ୍ତ ପରିଚାଳନାଗତ ନିଷ୍ପତ୍ତି କରାଯାଉଛି, ହେଲେ ଏହା କେତେ ଦୂର କାର୍ଯ୍ୟକାରୀ କରିବେ ସେବାୟତ ତା' ଉପରେ ସମସ୍ତଙ୍କ ନଜର।

# ଶ୍ରୀଜିଉଙ୍କୁ ଦର୍ଶନ କଲେ ରାଜ୍ୟପାଳ

**ପୁରୀ (ବ୍ୟୁରୋ) :** ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଶନିବାର ଦିନ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡକ୍ଟର ଜୟଶ୍ରୀ କମ୍ଭମପାଟିଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମୁଖ୍ୟ ପ୍ରଶାସକ ଶ୍ରୀ ଅରବିନ୍ଦ କୁମାର ପାଢ଼ୀ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।



# ବଡ଼ଦାଣ୍ଡରେ ଖତଖାଉଛି ଲୁହା ବ୍ୟାରିକେଡ୍



**ପୁରୀ (ବ୍ୟୁରୋ) :** ଶ୍ରୀକ୍ଷେତ୍ରର ମୁଖ୍ୟ ପ୍ରବେଶ ପଥ ହସ୍ପିଟାଲ ଛକ ଟ୍ରାଫିକ ଆଉଟ୍ ପୋଷ୍ଟ ନିକଟରେ ଶତାଧିକ ପୁରୁଣା ଓ ଅକାମୀ ଲୁହା ବ୍ୟାରିକେଡ୍ ଗଦା ହୋଇ ଖତ ଖାଉଛି । ପୁଲିସ ବିଭାଗର ନଜର ଆଢୁଆଳରେ ରାସ୍ତା କଡ଼ରେ ଏଭଳି ଅବରୋଧ ଯୋଗୁଁ ପବିତ୍ର ବଡ଼ଦାଣ୍ଡ ଏବେ ତାର ପାରମ୍ପରିକ ସୌନ୍ଦର୍ଯ୍ୟ ହରାଉଛି। ପୁରୀକୁ ଆସୁଥିବା ଚାରିଚକିଆ ଗାଡ଼ି ଏବଂ ବାଇକ୍ ଗୁଡ଼ିକ ଅଠରନଳା ଓ ପୁରୁଣା ଜେଲ୍ ରୋଡ୍ ଦେଇ ବଡ଼ଦାଣ୍ଡସ୍ଥିତ ହସ୍ପିଟାଲ ଛକକୁ ଆସିଥାନ୍ତି। ସେହିପରି ପର୍ଯ୍ୟଟକ ଏହି ଛକରୁ ଭିଆଇପି ରାସ୍ତା ଦେଇ ସମୁଦ୍ରକୂଳକୁ ଯାଉଥିବାରୁ ଏଠାରେ ସ୍ୱତନ୍ତ୍ର ଟ୍ରାଫିକ ଆଉଟ୍ ପୋଷ୍ଟ କରାଯାଇଛି। ସାଧାରଣ ଦିନରେ ମରିଚିକୋଟ ଛକ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକପାଖିଆ ଯାତାୟତ ପାଇଁ ଏହି ବ୍ୟାରିକେଡ୍ ବ୍ୟବହାର କରାଯାଏ । ରଥଯାତ୍ରା ବା ଭିଆଇପି ଗସ୍ତ ସମୟରେ ଏହାକୁ ହଟାଇ ହସ୍ପିଟାଲ ଛକ ଓ ପୁଲିସ ରିଜର୍ଭ ଲାଇନ୍‌ରେ ରଖାଯାଏ । ମାତ୍ର ବ୍ୟବହାର ଅନୁପଯୋଗୀ ଓ ଭଙ୍ଗା ଦଦରା ବ୍ୟାରିକେଡ୍ ଗୁଡ଼ିକ ହସ୍ପିଟାଲ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ଦୀର୍ଘ ଦିନ ଧରି ଗଦା ହୋଇ ରହିବା ଫଳରେ ସେଥିରେ ଗଛଲତା ମାଡ଼ି ଆବର୍ଜନା ସୃଷ୍ଟି ହେଉଛି। ପ୍ରତିଦିନ ବହୁ ଉଚ୍ଚ ପୁଲିସ ଅଧିକାରୀ ଏହି ବାଟ ଦେଇ ଯାଉଥିଲେ ବି କାହାର ନଜର ଏହା ଉପରେ ପଡୁନାହିଁ। ଅପରପକ୍ଷେ ଏହି ମୂଲ୍ୟବାନ ଲୁହା ବ୍ୟାରିକେଡ୍ ଗୁଡ଼ିକର ସଠିକ୍ ହିସାବ କିତାବ ନଥିବାରୁ ଏହାକୁ ବୁଲା କବାଡ଼ିବାଲା କରି ନେଉଥିବା ନଜିର ରହିଛି। ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ୩ କିଲୋମିଟର ବ୍ୟାପୀ ବଡ଼ଦାଣ୍ଡକୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଛି, ଯେଉଁଠାରେ କୌଣସି ପ୍ରକାର ଅବରୋଧ ବେଆଇନ ଅଟେ। ମାତ୍ର ପ୍ରଶାସନର ଏଭଳି ବେପରୁଆ କାର୍ଯ୍ୟ ଯୋଗୁଁ ରାସ୍ତା ସଙ୍କୁଚିତ ହେବା ସହ ଶ୍ରୀମନ୍ଦିରକୁ ଯାଉଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଚାଲି ଚାଲି ଯିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଏହି ଅଦରକାରୀ ବ୍ୟାରିକେଡ୍ ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।